# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 17 October – 2025

*********************************

## ମୁଖ୍ୟ ସମ୍ବାଦ

- ନିର୍ବାଚନ ପୂର୍ବରୁ ପ୍ରାର୍ଥୀମାନଙ୍କର ପୂର୍ବ ଅପରାଧିକ ତଥ୍ୟ ପ୍ରକାଶ ପାଇଁ ନିର୍ଦ୍ଦେଶାବଳୀ ଜାରି କଲେ ଭାରତର ନିର୍ବାଚନ ଆୟୋଗ
- ଆସନ୍ତା ମାସ ୭ ତାରିଖରେ କଟକରେ ହେବ କଳା ଧନ ସମ୍ପର୍କିତ ଏସ୍ଆଇଟି ବୈଠକ
- ଆସନ୍ତାବର୍ଷ ଫେବୃୟାରୀ ମାସ ୧୫ ତାରିଖରୁ ଯୁକ୍ତଦୁଇ ପରୀକ୍ଷା ହେବ ଆରମ୍ଭ

ଏବଂ

- ସବୁଜ ଉର୍ଜା ପରିବର୍ତ୍ତନକୁ ତ୍ୱରାନ୍ୱିତ କରିବା ପାଇଁ ନୀତି ଆୟୋଗ ଓ ରାଜ୍ୟ ସରକାରଙ୍କ ମଧ୍ୟରେ ଚୁକ୍ତିନାମା

## ନୂଆପଡା ଉପନିର୍ବାଚନ

ନୂଆପଡା ଉପନିର୍ବାଚନ ସମେତ ଦେଶର ୭ଟି ରାଜ୍ୟରେ ହେବାକୁ ଥିବା ଉପନିର୍ବାଚନ ପାଇଁ ଭାରତର ନିର୍ବାଚନ ଆୟୋଗ ପ୍ରାର୍ଥୀମାନଙ୍କର ସମସ୍ତ ପୂର୍ବବର୍ତ୍ତୀ ଅପରାଧିକ ତଥ୍ୟ ପ୍ରକାଶ ପାଇଁ ଏକ ନିର୍ଦ୍ଦେଶାବଳୀ ଜାରି କରିଛନ୍ତି। ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ, ଏହି ନିର୍ଦ୍ଦେଶାବଳୀଗୁଡ଼ିକର ଅନୁପାଳନ ପାଇଁ ବାଧ୍ୟତାମୂଳକ କରାଯାଇଛି। ରାଜନୈତିକ ଦଳମାନେ ପ୍ରାର୍ଥୀ ଚୟନର ୪୮ ଘଣ୍ଟା ମଧ୍ୟରେ ମୁଦ୍ରିତ ଗଣମାଧ୍ୟମ, ନିଜର ସାମାଜିକ ଗଣମାଧ୍ୟମ ଓ ୱେବ୍‌ସାଇଟ୍ ମାଧ୍ୟମରେ ଫର୍ମ-ସି-୭ ସୁସ୍ପଷ୍ଟ ପରିପ୍ରକାଶ କରିବେ। ରାଜନୈତିକ ଦଳମାନେ ପ୍ରାର୍ଥୀ ଚୟନର ୭୨ ଘଣ୍ଟା ମଧ୍ୟରେ ଏହି ଫର୍ମର ଏକ ନକଲ ସଂଲଗ୍ନ କରି ଭାରତର ନିର୍ବାଚନ ଆୟୋଗଙ୍କ ପାଖକୁ ପଠାଇବେ। ନାମାଙ୍କନର ଶେଷ ତାରିଖ ୨୦ ଅକ୍ଟୋବର ୨୦୨୫ ସୋମବାର ସୁଦ୍ଧା ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଜରିଆରେ ଭାରତର ନିର୍ବାଚନ ଆୟୋଗଙ୍କ ନିକଟରେ ଦରଖାସ୍ତ ଦାଖଲ କରିବେ। ଏହି ସମ୍ବନ୍ଧରେ ଅଧିକ ତଥ୍ୟ ଜାଣିବା ପାଇଁ ରାଜନୈତିକ ଦଳ ଓ ପ୍ରାର୍ଥୀମାନେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ କିମ୍ବା ଭାରତର ନିର୍ବାଚନ ଆୟୋଗଙ୍କ ୱେବ୍‌ସାଇଟ୍ ଓ ବିଭିନ୍ନ ସାମାଜିକ ଗଣମାଧ୍ୟମ ହ୍ୟାଣ୍ଡେଲରୁ ପାଇପାରିବେ।

## ଏସ୍‌ଆଇଟି ବୈଠକ

କଳାଧନ ସମ୍ପର୍କିତ ଏସ୍‌ଆଇଟି ବୈଠକ ଜଷ୍ଟିସ୍ ଅରିଜିତ୍ ପଶାୟତଙ୍କ ଅଧ୍ୟକ୍ଷତାରେ ଆସନ୍ତା ମାସ ୭ ତାରିଖରେ କଟକଠାରେ ଅନୁଷ୍ଠିତ ହେବ। ମିଳିଥିବା ସୂଚନା ଅନୁସାରେ, ପୁଲିସ୍ ସବ୍‌ଇନିସ୍‌ପେକ୍ଟର ପରୀକ୍ଷାରେ

ହୋଇଥିବା ଅନିୟମିତତା ଅଭିଯୋଗ ସମ୍ବନ୍ଧରେ ସରକାରଙ୍କ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଏସ୍ଆଇଟି ପକ୍ଷରୁ ସ୍ପଷ୍ଟୀକରଣ ମଗାଯାଇଛି। ଏହି ପ୍ରସଙ୍ଗ ବୈଠକରେ ଆଲୋଚନା ହେବା ସହିତ ଗୁଣିଗାରେଡି ହତ୍ୟା ସମ୍ପର୍କରେ ତଥ୍ୟ ରଖିବାକୁ ଏସ୍ଆଇଟି ପକ୍ଷରୁ କ୍ରାଇମ୍‌ବ୍ରାଞ୍ଚକୁ ନିର୍ଦ୍ଦେଶ ଦିଆଯାଇଛି। କଟକରେ ଅନୁଷ୍ଠିତ ବୈଠକ ପରେ ନଭେମ୍ବର ମାସ ୯ ତାରିଖରେ ମୁମ୍ବାଇଠାରେ ଆଉ ଏକ ବୈଠକ ଅନୁଷ୍ଠିତ ହେବ।

## ଯୁକ୍ତ ଦୁଇ

୨୦୨୬ ମସିହା ଫେବ୍ରୁଆରୀ ମାସ ୧୫ ତାରିଖରୁ ୨୫ ତାରିଖ ମଧ୍ୟରେ ଯୁକ୍ତ ଦୁଇ ପରୀକ୍ଷା ଆରମ୍ଭ ହେବା ନେଇ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପରୀକ୍ଷା ନିୟନ୍ତ୍ରକ ପ୍ରଶାନ୍ତ ପରିଡା ସୂଚନା ଦେଇଛନ୍ତି। ଏଥିପାଇଁ ଆସନ୍ତା ଡିସେମ୍ବର ମାସ ୧୫ ତାରିଖ ସୁଦ୍ଧା ପରୀକ୍ଷାର୍ଥୀମାନଙ୍କୁ ଆଡମିଟ୍ ଯୋଗାଇ ଦିଆଯିବ। ଡିସେମ୍ବର ୨୨ ତାରିଖରୁ ୩୧ ତାରିଖ ପର୍ଯ୍ୟନ୍ତ ଇଣ୍ଟରନାଲ୍ ପରୀକ୍ଷା ହେବ। ୨୦୨୬ ଜାନୁୟାରୀ ୨ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ଯୁକ୍ତ ଦୁଇ ପ୍ରାକ୍ଟିକାଲ ପରୀକ୍ଷା କରାଯିବ। ଆସନ୍ତା ବର୍ଷର ଯୁକ୍ତ ଦୁଇ ପରୀକ୍ଷା ପାଇଁ ୧ ହଜାର ୩୪୯ ଟି କେନ୍ଦ୍ରର ବ୍ୟବସ୍ଥା କରାଯାଇଛି। ଆସନ୍ତା ନଭେମ୍ବର ମାସ ୨୯ ତାରିଖ ସୁଦ୍ଧା ସମସ୍ତ ପରୀକ୍ଷା କେନ୍ଦ୍ରରେ ସିସିଟିଭି କ୍ୟାମେରା ଲଗାଯିବା ପାଇଁ ଲକ୍ଷ୍ୟ ରଖାଯାଇଥିବା ପରୀକ୍ଷା ନିୟନ୍ତ୍ରକ ଶ୍ରୀ ପରିଡା କହିଛନ୍ତି।

## ଦୁଆରେ ପ୍ରଶାସନ

**ରାୟଗଡ଼ା** ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣୀ ବିଷମକଟକ ବ୍ଲକ୍ ନିୟମଗିରିର କୁର୍ଲୀ ପଞ୍ଚାୟତ ଅଧୀନ ଖମ୍ବେସୀଠାରେ 'ଦୁଆରେ ପ୍ରଶାସନ' କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ପିଏମ୍-ଜନମନ' ଯୋଜନାର କାର୍ଯ୍ୟକାରିତା ସହ ଆଦିମ ଜନଜାତିଙ୍କ ସମନ୍ୱିତ ବିକାଶ ଲକ୍ଷ୍ୟରେ ରାୟଗଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ରାଜ୍ୟରେ ପ୍ରଥମକରି ଏହି ଅଭିଯାନ ଆରମ୍ଭ କରାଯାଇଛି । କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଜିଲ୍ଲାପାଳ ଶ୍ରୀ କୁଲକର୍ଣ୍ଣୀ ଘରଘର ବୁଲି ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରିଛନ୍ତି । ଅଭିଯାନ ନିୟମଗିରିର ଶତାଧିକ ହିତାଧିକାରୀଙ୍କ ଜୀବନକୁ ସିଧାସଳଖ ପ୍ରଭାବିତ କରିବ ବୋଲି ଜିଲ୍ଲାପାଳ କହିଛନ୍ତି ।

**- V/O –**

**ମଧୁସୂଦନ-ଦସ୍ତଖତ ଅଭିଯାନ**

ଉତ୍କଳ ଗୌରବ ମଧୁସୂଦନ ଦାସଙ୍କୁ ମରଣୋତ୍ତର ଭାରତରତ୍ନ ସମ୍ମାନ, ସଂସଦଭବନ ପରିସରରେ ମଧୁବାବୁଙ୍କ ପ୍ରତିମୂର୍ତ୍ତି ସ୍ଥାପନ, ମଧୁସୂଦନଙ୍କ ନାମରେ ରେଳଗାଡ଼ି ଚଳାଚଳ, ତାଙ୍କ ଜନ୍ମଦିନକୁ ସରକାରୀ ଛୁଟି ଘୋଷଣା ଏବଂ ଓଡ଼ିଶାର ସବୁ କୋର୍ଟ ସନ୍ନିକଟ ରାସ୍ତାକୁ ମଧୁବାବୁଙ୍କ ନାମରେ ନାମିତ କରିବା ଦାବିରେ ଆଜି ରାଜସ୍ଥାନର ଜୟପୁର ଓଡ଼ିଆ ସମାଜ ପକ୍ଷରୁ ଦସ୍ତଖତ ସଂଗ୍ରହ ଅଭିଯାନ ଆରମ୍ଭ ହୋଇଛି । ପୂର୍ବରୁ ୩୦ଟି ରାଜ୍ୟରେ ଏହି ଲକ୍ଷ୍ୟରେ ଓଡ଼ିଆଙ୍କଠାରୁ ଦସ୍ତଖତ ସଂଗ୍ରହ କରାଯାଇଛି । ମିଳିତ ମହାମଂଚ ଏବଂ ଓଡ଼ିଶା

ଲୟର୍ସ ଫୋରମ୍ ପକ୍ଷରୁ ଲିଙ୍ଗରାଜ ସାହୁଙ୍କ ଆବାହକତ୍ୱରେ ଏହି ଅଭିଯାନ ଚାଲିଛି।

## ସବୁଜ ଉର୍ଜା-ନୀତି ଆୟୋଗ

ସ୍ଥାୟୀ ପରିବେଶ ପ୍ରତିଷ୍ଠା ଏବଂ ଉର୍ଜା କ୍ଷମତାସମ୍ପନ୍ନ ଭବିଷ୍ୟତ ପାଇଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ନୀତି ଆୟୋଗ, ରାଜ୍ୟ ସରକାର ଏବଂ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସସ୍‌ଷ୍ଟେନ୍‌ବିଲିଟି, ଏମ୍ପଲୟମେଣ୍ଟ ଏଣ୍ଡ ଗ୍ରୋଥ୍ ଫାଉଣ୍ଡେସନ୍ ପକ୍ଷରୁ ରାଜ୍ୟରେ ଏକ ପରିବର୍ତ୍ତନଶୀଳ ସ୍ୱଚ୍ଛ ଉର୍ଜା ପ୍ରୟାସକୁ ନେଇ ସହଯୋଗିତା ସମ୍ପର୍କରେ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଭୁବନେଶ୍ୱର ଲୋକସେବା ଭବନରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ନୀତି ଆୟୋଗଙ୍କ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭି.ଭି.ସୁବ୍ରମଣ୍ୟଙ୍କ ଉପସ୍ଥିତିରେ ବିକଶିତ ଓଡ଼ିଶା-୨୦୩୬ ଏବଂ ବିକଶିତ ଭାରତ ୨୦୪୭ ଲକ୍ଷ୍ୟ ରଖି ବିଦ୍ୟୁତ୍ କ୍ଷେତ୍ରକୁ ଅଧିକ ସୁଲଭ, ସ୍ଥାୟୀ ଏବଂ ସ୍ୱୟଂସମ୍ପୂର୍ଣ୍ଣ କରିବା ପାଇଁ ଚୁକ୍ତିନାମାରେ ଅଗ୍ରାଧିକାର ଦିଆଯାଇଛି।

## ଦୁର୍ଘଟଣା

**ବରଗଡ଼-**ସମ୍ବଲପୁର ୫୩ ନମ୍ବର ଜାତୀୟ ରାଜପଥର ବରଗଡ଼ ଜିଲ୍ଲା ଭଟଲି ଛକଠାରେ ଗତକାଲି ବିଳମ୍ବିତ ରାତିରେ ଏକ ସଡକ ଦୁର୍ଘଟଣାରେ ୩ ଜଣଙ୍କ ମୃତ୍ୟୁ ଘଟିଛି। ସମ୍ବଲପୁର ପଟୁ ସୋହେଲା ଆଡକୁ ଯାଉଥିବା ଏକ କାର୍ ଭାରସାମ୍ୟ ହରାଇ ରାସ୍ତା କଡକୁ ଓଲଟି ପଡିଥିଲା। ବରଗଡ଼ ପୁଲିସ୍ ପକ୍ଷରୁ ତଦନ୍ତ ଜାରି ରହିଛି। ମୃତକମାନଙ୍କ ପରିଚୟ ଜଣାପଡିନାହିଁ।

## ଭିନ୍ନକ୍ଷମ ଶିବିର

**ଗଞ୍ଜାମ** ଜିଲ୍ଲା ଆସିକା ବ୍ଲକ୍ କାର୍ଯ୍ୟାଳୟ ଆନୁକୂଲ୍ୟରେ ଭୀମ ଭୋଇ ଭିନ୍ନକ୍ଷମ ଶିବିର ଅନୁଷ୍ଠିତ ହୋଇଯାଇଛି । ବିଧାୟକ ସରୋଜ କୁମାର ପାଢ଼ୀଙ୍କ ଦ୍ୱାରା ଉଦ୍‌ଘାଟିତ ଏହି ଶିବିରରେ ବ୍ଲକ୍ ଉପାଧ୍ୟକ୍ଷା ରେଶମା ଦୋରା, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ, ସ୍ଥାନୀୟ ସରପଞ୍ଚ ଏବଂ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । ଶିବିରରେ ୬୨ ଜଣ ଚଳନବାଧିତ, ୨୭ ଜଣ ଶ୍ରବଣବାଧିତ, ୮ ଜଣ ଦୃଷ୍ଟିବାଧିତ ଓ ମାନସିକ ଅନଗ୍ରସର, ୬ ଜଣ ମସ୍ତିଷ୍କ ପକ୍ଷାଘାତ ଏବଂ ଜଣେ ସିକିଲ ସେଲ ପୀଡିତ ଉପସ୍ଥିତ ଥିଲେ । ଏଥିସହିତ ଭିନ୍ନକ୍ଷମ ପ୍ରମାଣପତ୍ର ପାଇଁ ୧୮ ଜଣ ଏବଂ ସହାୟକ ଉପକରଣ ନିମନ୍ତେ ୮୪ ଜଣ ଆବେଦନ କରିଥିଲେ । ଟ୍ରେନ୍ ପାସ୍, ବସ୍ ପାସ୍, ରାସନାକାର୍ଡ ଏବଂ ବାସିନ୍ଦା ପ୍ରମାଣପତ୍ର ନିମନ୍ତେ ୬୭ ଜଣ ଆବେଦନ କରିଛନ୍ତି ।

## ସଚେତନତା କାର୍ଯ୍ୟକ୍ରମ

ଜିଲ୍ଲା ଦୌରାଜଜ୍ ଡକ୍ଟର ଭାଗ୍ୟଲକ୍ଷ୍ମୀ ରଥଙ୍କ ନିର୍ଦ୍ଦେଶକ୍ରମେ **ଗଞ୍ଜାମ** ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ପକ୍ଷରୁ ଗୋପାଳପୁର ସ୍ଥିତ ଜରାନିବାସରେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଆଇନସେବା ପ୍ରାଧିକରଣ ସଚିବ ବ୍ୟୋମକେଶ ନାୟକ ବରିଷ୍ଠ ନାଗରିକଙ୍କ ନିମନ୍ତେ ଥିବା ବିଭିନ୍ନ ଆଇନ୍ ଓ ଯୋଜନା ଏବଂ ପିତାମାତାଙ୍କ ରକ୍ଷଣାବେକ୍ଷଣ ବିଷୟରେ ସଚେତନତା ସୃଷ୍ଟି କରିବା ଉପରେ ଗୁରୁତ୍ୱ ଦେଇଥିଲେ ।

ବ୍ରହ୍ମପୁର ମେଡିକାଲ କଲେଜର ମାନସିକ ରୋଗ ବିଭାଗରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ବ୍ରହ୍ମପୁର ଏସ୍‌ଡିଜେଏମ୍ ସ୍ୱନ୍ଦନକୁମାରଙ୍କ ସମେତ ହସ୍‌ପିଟାଲର ବହୁ ବରିଷ୍ଠ ଡାକ୍ତର ଓ କର୍ମଚାରୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ପ୍ରାଧିକରଣ ସଚିବ ଶ୍ରୀ ନାୟକ ମାନସିକ ରୋଗୀଙ୍କ ପାଇଁ ଥିବା ଆଇନ୍ ବିଷୟରେ ବର୍ଣ୍ଣନା କରିଥିଲେ। ଏହି ଅବସରରେ ଡାକ୍ତରଖାନାରେ ବହୁ ମାନସିକ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା।

## ସୁକନ୍ୟା ସମୃଦ୍ଧି ସଚେତନତା

**ଭଦ୍ରକ** ଜିଲ୍ଲା ପ୍ରଶାସନ ପକ୍ଷରୁ ଆର୍ଥିକ ସାକ୍ଷରତା ତଥା ସୁକନ୍ୟା ସମୃଦ୍ଧି ସଚେତନତା ଓ ଖାତା ଖୋଲା ଅଭିଯାନ ଆଖଣ୍ଡଳମଣି ନୋଡାଲ ଉଚ୍ଚବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭଦ୍ରକ ଡାକବିଭାଗ ଅଧିକାରୀ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ ଅଧିକାରୀ, ଏଲ୍‌ଡିଏମ୍ ଅଫିସ୍ କର୍ମଚାରୀ, ସାଇବର ସେଲ୍ ଅଧିକାରୀ, ସିଆରସିସି, ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରମୁଖ ଯୋଗଦେଇ ଆର୍ଥିକ ସାକ୍ଷରତା, ବିଭିନ୍ନ ସଞ୍ଚୟ ଯୋଜନା, ବୀମା ଯୋଜନା, ସାଇବର ଅପରାଧ ସମ୍ପର୍କରେ ଅଭିଭାବକମାନଙ୍କୁ ସଚେତନ କରାଇବା ସହ ଶିଶୁ କନ୍ୟାଙ୍କ ସୁରକ୍ଷା ଓ ସମୃଦ୍ଧି ପାଇଁ ସୁକନ୍ୟା ସମୃଦ୍ଧି ଯୋଜନାରେ  ଖାତା ଖୋଲିବା ପାଇଁ କହିଥିଲେ। ଏହି ଅବସରରେ ପରିବେଶ ସୁରକ୍ଷା ସମ୍ପର୍କରେ ଅଭିଭାବକ ଓ ପିଲାମାନଙ୍କୁ ଅଧିକାରୀମାନେ ଅବଗତ କରାଇବା ସହ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରିଥିଲେ।

## ବ୍ୟାଡମିଣ୍ଟନ ପ୍ରତିଯୋଗିତା

ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଆନୁକୂଲ୍ୟରେ ଅଣସ୍ତରୀତମ ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ବ୍ୟାଡମିଣ୍ଟନ ଓ ସିପକଟାକ୍ରୋ ପ୍ରତିଯୋଗିତା ନବରଙ୍ଗପୁର ଜିଲାର ଉମରକୋଟଠାରେ ଉଦ୍‌ଘାଟିତ ହୋଇଛି । ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏହି କ୍ରୀଡା ପ୍ରତିଯୋଗିତାକୁ ଉଦ୍‌ଘାଟନ କରି ୩୦ଟି ଜିଲ୍ଲାର କ୍ରୀଡା ପ୍ରତିଯୋଗୀଙ୍କ ମାର୍ଚ୍ଚପାଷ୍ଟରେ ଅଭିବାଦନ ଗ୍ରହଣ କରିଥିଲେ । ପ୍ରଥମ ଦିନରେ ଆଜି କଟକ ଓ ନବରଙ୍ଗପୁର ମଧ୍ୟରେ ସିପକଟାକ୍ରୋ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ଏହି ପ୍ରତିଯୋଗିତାରେ ୧୪ ବର୍ଷରୁ କମ୍ ଓ ୧୭ ବର୍ଷରୁ କମ୍ ବାଳକ-ବାଳିକା ବର୍ଗରେ ମୋଟ୍ ୬୫୪ ଜଣ କ୍ରୀଡାବିତ୍ ଅଂଶଗ୍ରହଣ କରିଛନ୍ତି । ବ୍ୟାଡମିଣ୍ଟନରେ ୫୨୨ ଜଣ ଓ ସିପକ୍‌ଟାକ୍ରୋରେ ୧୩୨ ଜଣ ଭାଗ ନେଇଛନ୍ତି । ଜିଲ୍ଲାପାଳ ଡକ୍ଟର ମହେଶ୍ୱର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଧାୟକ ଗୌରୀଶଙ୍କର ମାଝୀ ଯୋଗ ଦେଇଥିଲେ । ଆସନ୍ତା ୧୯ ତାରିଖରେ ଏହି ପ୍ରତିଯୋଗିତା ଉଦ୍‌ଯାପିତ ହେବ ।

## ସାରଙ୍ଗଧର ଦାସ ଜୟନ୍ତୀ

ସ୍ୱାଧୀନତା ସଂଗ୍ରାମୀ ସାରଙ୍ଗଧର ଦାସଙ୍କ ଜୟନ୍ତୀ ଅବସରରେ **ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଗଡ଼ଜାତ ଗାନ୍ଧୀ ଭାବରେ ପରିଚିତ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସାରଙ୍ଗଧରଙ୍କ ତ୍ୟାଗପୂତ ଜୀବନାଦର୍ଶ ଓ ଦେଶ ସ୍ୱାଧୀନତା ପାଇଁ ତାଙ୍କର ଉତ୍ସର୍ଗୀକୃତ କାର୍ଯ୍ୟ ପିଢ଼ି ପରେ ପିଢ଼ିଙ୍କୁ ପ୍ରେରଣା ଯୋଗାଇ ଆସିଛି ।

**କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ** ସାମାଜିକ ଗଣମାଧ୍ୟମରେ ଶ୍ରଦ୍ଧାଞ୍ଜଳି ଜଣାଇ କହିଛନ୍ତି, ଓଡ଼ିଶାର ବୀର ସ୍ୱାଧୀନତା ସଂଗ୍ରାମୀ ସାରଙ୍ଗଧର ଗଡ଼ଜାତ ପ୍ରଜାମଣ୍ଡଳ ଆନ୍ଦୋଳନର ଅନ୍ୟତମ ପୁରୋଧା ଥିଲେ।

# ଅନ୍ତର୍ଜାତୀୟ ଦାରିଦ୍ର୍ୟ ଦୂରୀକରଣ ଦିବସ

ବିଶ୍ୱରେ ଦାରିଦ୍ର୍ୟର ଆହ୍ୱାନ ଏବଂ ଏହାର ମୁକାବିଲା ନେଇ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଆଜି ଅନ୍ତର୍ଜାତୀୟ ଦାରିଦ୍ର୍ୟ ଦୂରୀକରଣ ଦିବସ ପାଳନ କରାଯାଉଛି । ଦାରିଦ୍ର୍ୟର ଅନ୍ୟତମ କାରଣ ଅସମାନତାର ସମାଧାନ ଦିଗରେ କାର୍ଯ୍ୟ କରିବାକୁ ଏହି ଦିବସ ପ୍ରେରଣା ଦେଇଥାଏ । ୧୯୯୨ ମସିହାରେ ମିଳିତ ଜାତିସଂଘ ଦ୍ୱାରା ପ୍ୟାରିସ୍ ଠାରେ ପ୍ରଥମଥର ପାଇଁ ଅଣଆନୁଷ୍ଠାନିକ ଭାବରେ ଏହି ଦିବସ ପାଳନ କରାଯାଇଥିଲା ।

# ପାଣିପାଗ

ଓଡ଼ିଶା ସମେତ ଦେଶରୁ ଦକ୍ଷିଣ-ପଶ୍ଚିମ ମୌସୁମୀବାୟୁ ଗତକାଲିଠାରୁ ବିଦାୟ ନେଇଛି। ଭାରତୀୟ ପାଣିପାଗ ବିଭାଗର ସୂଚନା ଅନୁସାରେ, ରାଜସ୍ଥାନରୁ ଗତ ସେପ୍ଟେମ୍ବର ମାସ ୧୪ ତାରିଖରୁ ମୌସୁମୀବାୟୁ ପ୍ରତ୍ୟାବର୍ତ୍ତନ ପ୍ରକ୍ରିୟା ଆରମ୍ଭ କରିଥିଲା।

ଆସନ୍ତା ସପ୍ତାହ ସୋମବାର ଦିନ ଦକ୍ଷିଣ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବା ସମ୍ଭାବନା ରହିଛି। ୨୩-୨୪ ତାରିଖ ବେଳକୁ

ଏହା ଅବପାତର ରୂପ ନେଇପାରେ। ହେଲେ, ଓଡ଼ିଶା ଉପରେ ଏହାର ପ୍ରଭାବ ରହିବ କି ନାହିଁ ବର୍ତ୍ତମାନ ସୁଦ୍ଧା ଏହା ଜଣାପଡିନାହିଁ।

ଚଳିତ ବର୍ଷ ମଇ ମାସ ୨୮ ତାରିଖରେ ଦକ୍ଷିଣ–ପଶ୍ଚିମ ମୌସୁମୀ ବାୟୁ ଓଡ଼ିଶାକୁ ପ୍ରବେଶ କରିଥିଲା। ସ୍ୱାଭାବିକ ଭାବେ ଦୁଇ ସପ୍ତାହ ପୂର୍ବରୁ ଚଳିତ ବର୍ଷ ମୌସୁମୀ ଓଡ଼ିଶା ଛୁଇଁଥିଲା। ଚଳିତ ବର୍ଷ ରାଜ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁର ପ୍ରଭାବ ସ୍ୱାଭାବିକ ଥିଲା। ଜୁନ୍ ପହିଲାରୁ ସେପ୍ଟେମ୍ବର ମାସ ଶେଷ ସୁଦ୍ଧା ୧ ହଜାର ୧୫୦ ଦଶମିକ ୨ ମିଲିମିଟର ସ୍ୱାଭାବିକ ବର୍ଷା ତୁଳନାରେ ୧ ହଜାର ୧୫୦ ଦଶମିକ ୯ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

କୋରାପୁଟ ଜିଲ୍ଲାରେ ସର୍ବାଧିକ ୧ ହଜାର ୫୮୬ ଦଶମିକ ୧ ମିଲିମିଟର ଏବଂ ପୁରୀ ଜିଲ୍ଲାରେ ସର୍ବନିମ୍ନ ୭୪୫ ଦଶମିକ ୧ ମିଲିମିଟର ବର୍ଷା ହୋଇଥିଲା। ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଦେବଗଡ଼, ଝାରସୁଗୁଡ଼ା ଏବଂ କୋରାପୁଟ ଜିଲ୍ଲାରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହୋଇଥିବା ବେଳେ ୨୧ଟି ଜିଲ୍ଲାରେ ସ୍ୱାଭାବିକ ବର୍ଷା ହୋଇଥିଲା। ଚଳିତ ଅକ୍ଟୋବର ମାସରେ ସ୍ୱାଭାବିକ ବର୍ଷା ୫୮ ଦଶମିକ ୯ ମିଲିମିଟର ତୁଳନାରେ ଗତ ୧୨ ତାରିଖ ସୁଦ୍ଧା ୧୦୧ ଦଶମିକ ୫ ମିଲିମିଟର ବର୍ଷା

ରେକର୍ଡ କରାଯାଇଛି । ଚଳିତ ମୌସୁମୀ ଋତୁରେ ରାଜ୍ୟକୁ ପ୍ରଭାବିତ କରିବା ଭଳି ୧୫ଟି ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଥିଲା ।